# NATIONAL NEWS BULLETIN (ODIA)
## 3 January - 2026
## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷର ଆନ୍ତର୍ଜାତିକ ପ୍ରଦର୍ଶନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ନକଲି ଭୋଟର ଅନ୍ତର୍ଭୁକ୍ତ କରିଥିବା ଅଭିଯୋଗରେ ନିଲମ୍ବିତ କୋଲକାତାର ୫ ଜଣ ଅଧିକାରୀଙ୍କ ବିରୋଧରେ ଏତଲା ଦାଏର ଲାଗି ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ୍ ।
- ବୟନ ଶିଳ୍ପ ପାଇଁ ଉତ୍ପାଦନ ଭିତ୍ତିକ ସହାୟତା ଯୋଜନାରେ ଆବେଦନର ଶେଷ ତାରିଖ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି ।
- ପ୍ରଦର୍ଶନକାରୀଙ୍କ ବିରୋଧରେ କଠୋର ବଳପ୍ରୟୋଗ କଲେ ଇରାନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଆମେରିକା ରାଷ୍ଟ୍ରପତିଙ୍କ ଚେତାବନୀ ।

ଏବଂ

- ୧୯ ବର୍ଷରୁ କମ୍ ତିନି ମ୍ୟାଚ୍ ବିଶିଷ୍ଟ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ହେବ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ମ୍ୟାଚ୍ ।

## ପିଏମ୍-ରେଲିକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଭଗବାନ ବୁଧଙ୍କ ପବିତ୍ର ପିପରହୱା ଅବଶେଷର ଏକ ଆନ୍ତର୍ଜାତିକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତ୍ତିରେ ୧୮୯୮ ମସିହାରେ ଆବିଷ୍କୃତ ପିପରହୱା ଅବଶେଷ ବୌଦ୍ଧ ଧର୍ମର ପ୍ରାରମ୍ଭିକ ପ୍ରତ୍ନତାତ୍ତ୍ୱିକ ଅଧ୍ୟୟନରେ ପ୍ରମୁଖ ସ୍ଥାନ ଅଧିକାର କରିଥିବା କୁହାଯାଇଛି ।

ନୂଆଦିଲ୍ଲୀର ରାୟ ପିଥୋରା ସାଂସ୍କୃତିକ କେନ୍ଦ୍ରରେ ଏହି ପ୍ରଦର୍ଶନୀ ଅନୁଷ୍ଠିତ ହେବ । ପ୍ରଦର୍ଶନୀରେ ପ୍ରଥମଥର ପାଇଁ ପିପରହୱାରୁ ଏକ ଶତାବ୍ଦୀରୁ ଅଧିକ ସମୟ ପରେ ସଂଗୃହିତ ଅବଶେଷ ଗୁଡ଼ିକ ସ୍ଥାନିତ କରାଯିବ । ୧୮୯୮ ମସିହାରେ ଆବିଷ୍କୃତ ପିପରହୱା ଅବଶେଷ ହେଉଛି, ଭଗବାନ ବୁଦ୍ଧଙ୍କ ସହିତ ଜଡ଼ିତ ପ୍ରାରମ୍ଭିକ ଏବଂ ଐତିହାସିକ ଅବଶେଷ ସଂଗ୍ରହ ମଧ୍ୟରୁ ଗୋଟିଏ । ଏହା ନୂଆଦିଲ୍ଲୀର ଜାତୀୟ ସଂଗ୍ରହାଳୟ ଏବଂ କୋଲକାତାର ଭାରତୀୟ ସଂଗ୍ରହାଳୟରେ ସଂରକ୍ଷିତ ରହିଛି । ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅନୁଯାୟୀ ପିପରହାୱା ସ୍ଥାନ ପ୍ରାଚୀନ

କପିଳାବସ୍ତୁ ସହ ଜଡ଼ିତ ଯେଉଁଠାରେ ଭଗବାନ ବୁଦ୍ଧ ତାଙ୍କର ପ୍ରାରମ୍ଭିକ ଜୀବନ ବିତାଇଥିଲେ । ଏହି ଆନ୍ତର୍ଜାତିକ ପ୍ରଦର୍ଶନୀ ଦେଶର ଯୁବପିଢ଼ି ଏବଂ ଏହା ସମୃଦ୍ଧ ସଂସ୍କୃତି ମଧ୍ୟରେ ସମ୍ପର୍କକୁ ଆହୁରି ନିବିଡ଼ କରିବ ବୋଲି କୁହାଯାଇଛି ।

## କୋଲକାତା-ଏଫ୍ଆଇଆର୍

ନିର୍ବାଚନ କମିଶନ୍ ବେଆଇନ୍ ଭାବରେ ଭୋଟର ତାଲିକାରେ ନକଲି କିମ୍ବା ହେର୍‌ଫେର୍ କରି ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ କରିଥିବା ଅଭିଯୋଗରେ ନିଲମ୍ବିତ କୋଲକାତାର ୫ ଜଣ ଅଧିକାରୀଙ୍କ ବିରୋଧରେ ଏତଲା ଦାଏର ଲାଗି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରୁଇପୁର ପୂର୍ବ ବିଧାନସଭା ଆସନର ଭୋଟର ପଞ୍ଜିକରଣ ଅଧିକାରୀ ଦେବୋତ୍ତମ ଦତ୍ତ ଚୌଧୁରୀ, ସହକାରୀ ପଞ୍ଜିକରଣ ଅଧିକାରୀ ତଥାଗତ ମଣ୍ଡଳ, ମୋୟେନା ବିଧାନସଭା ଆସନର ପଞ୍ଜିକରଣ ଅଧିକାରୀ ବିପ୍ଳବ ସରକାର ଏବଂ ସହକାରୀ ପଞ୍ଜିକରଣ ଅଧିକାରୀ ସୁଦୀପ୍ତ ଦାସ ଓ ଡାଟାଏଣ୍ଟ୍ରି ଅପୋରେଟର ସୁରଜିତ ହାଲଦାରଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

କୋଲକାତାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନର ଶୁଣାଣି ପର୍ଯ୍ୟାୟ ସମୟରେ ଏହି ଅଧିକାରୀମାନେ ଭୋଟର ତାଲିକାରେ

ନକଲି ନାମ ସାମିଲ କରିବା ଅଭିଯୋଗ ହୋଇଥିଲା । ନିର୍ବାଚନ କମିଶନ୍ ପୂର୍ବରୁ ସେମାନଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଇଥିଲେ ଏବଂ ରାଜ୍ୟ ମୁଖ୍ୟ ସଚିବଙ୍କୁ ସେମାନଙ୍କ ବିରୋଧରେ ଏତଲା ଦାଏର କରିବା ଲାଗି କହିଥିଲେ । ତେବେ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବାରୁ ନିର୍ବାଚନ କମିଶନ୍ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ଏତଲା ଦାଏର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ଇୟର୍ ଏଣ୍ଡର-ଫାଇନାନ୍ସ

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସଫଳ ବର୍ଷ ଥିଲା । ଗତବର୍ଷ ସରକାରଙ୍କ ନୀତିଗୁଡ଼ିକ ଦେଶର ଅର୍ଥନୈତିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ବାସ୍ତବତାର ରୂପ ନେଇଥିଲା । ସଂସ୍କାର ବର୍ଷ ସିରିଜ୍‌ରେ ଆସନ୍ତୁ ଜାଣିବା ୨୦୨୫ ମସିହାରେ ଆର୍ଥିକ କ୍ଷେତ୍ରରେ ଭାରତ ହାସଲ କରିଥିବା ସଫଳତା ସମ୍ପର୍କରେ ।

ଗତବର୍ଷ ଦେଶରେ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱସ୍ତରରେ ପ୍ରଭାବସୃଷ୍ଟି କରିଥିଲା । ବିଶ୍ୱ ବ୍ୟାଙ୍କ୍ ଭାରତକୁ ଜି-୭ ଏବଂ ଜି-୨୦ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ବିକାଶ ସମକକ୍ଷ ଦେଶ ଭାବେ ଘୋଷଣା କରିଥିଲା । ଆନ୍ତର୍ଜାତିକ ଶ୍ରମ ସଂଗଠନ ରିପୋର୍ଟ୍ ଅନୁଯାୟୀ ୨୦୧୫ରେ ଭାରତରେ ସାମାଜିକ ସୁରକ୍ଷା ୧୯ ପ୍ରତିଶତ ଥିବା ବେଳେ ୨୦୨୫ ସୁଦ୍ଧା ଏହା ୬୪ ଦଶମିକ୍ ୩ ପ୍ରତିଶତକୁ ବୃଦ୍ଧି ପାଇଛି ।

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଆଇ.ଏମ୍.ଏଫ୍. ଭାରତର ଏକିକୃତ ଦେୟ ବ୍ୟବସ୍ଥା ୟୁ.ପି.ଆଇ.କୁ ବିଶ୍ୱର ସର୍ବବୃହତ ରିୟଲ୍ ଟାଇମ୍ ପେମେଣ୍ଟ ସିଷ୍ଟମ୍ ଭାବରେ ସ୍ୱୀକୃତି ଦେଇଛି । ବିଶ୍ୱ ସ୍ତରରେ ୟୁ.ପି.ଆଇ. ମାଧ୍ୟମରେ ୪୯ ପ୍ରତିଶତ କାରବାର ହେଉଛି । ଅନ୍ୟ ପକ୍ଷରେ ଗତ ଦଶନ୍ଧିରେ ୧୭ ଦଶମିକ୍ ୧ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ବେଳେ ୟୁନେସ୍କୋ ସ୍ୱୀକୃତି ଏବଂ ବିଶ୍ୱ ନବସୃଜନ ସୂଚକାଙ୍କରେ ଭାରତ ୩୮ତମ ସ୍ଥାନକୁ ଉନ୍ନିତ ହୋଇଛି ।

## ଟେକ୍ସଟାଇଲ୍-ପିଏଲ୍ଆଇ ସ୍କିମ୍

ବନୟ ଶିଳ୍ପ ପାଇଁ ଉତ୍ପାଦନ ଭିତ୍ତିକ ସହାୟତା ଯୋଜନାରେ ଆବେଦନ ଦାଖଲ କରିବାର ଶେଷ ତାରିଖକୁ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଗତବର୍ଷ ଅଗଷ୍ଟ ମାସରେ ଆବେଦନ ଲାଗି ପୋର୍ଟାଲ୍ ଖୋଲାଯିବା ପରଠାରୁ ଏ ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ବୟନଶିଳ୍ପ କମ୍ପାନୀଗୁଡ଼ିକ ପ୍ରସ୍ତାବ ଦାଖଲ କରୁଥିବାରୁ, ଅଧିକ ଆବେଦନ ଆକୃଷ୍ଟ କରିବା ଲାଗି ସମୟସୀମା ବୃଦ୍ଧି କରାଯାଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଯୋଗ୍ୟ ଆବେଦନକାରୀଙ୍କୁ ଅତିରିକ୍ତ ସମୟ ପ୍ରଦାନ କରି

ବ୍ୟାପକ ଅଂଶଗ୍ରହଣକୁ ସହଜ କରିବା ଉପରେ ବିଭାଗ ଗୁରୁତ୍ୱ ପ୍ରଦାନ କରୁଛି ।

## କ୍ୟାବିନେଟ୍-ସେକ୍ରେଟେରୀ ପ୍ରଗତି

ଦେଶରେ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପ୍ରଗତି ବ୍ୟବସ୍ଥା ସଫଳ ସାବ୍ୟସ୍ତ ହୋଇଥିବା କ୍ୟବିନେଟ୍ ସଚିବ ଟି.ଭି. ସୋମନାଥନ୍ କହିଛନ୍ତି, ଗତକାଲି ନୂଆଦିଲ୍ଲୀରେ ପ୍ରଗତିର ଫଳାଫଳ ସମ୍ପର୍କରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ସୋମନାଥନ୍ କହିଛନ୍ତି, ଏ ପର୍ଯ୍ୟନ୍ତ ପ୍ରଗତିର ୫୦ଟି ବୈଠକ ଅନୁଷ୍ଠିତ ହୋଇଛି ଏବଂ ଏହା ଅଧୀନରେ ୫୦ ଲକ୍ଷ କୋଟି ଟଙ୍କାର ୩ ହଜାର ୩୦୦ରୁ ଅଧିକ ପ୍ରକଳ୍ପ ଗୁଡ଼ିକର ସମସ୍ୟା ସମ୍ପର୍କରେ ସମୀକ୍ଷା କରାଯାଇଛି ।

ଗୋଟିଏ ରାଷ୍ଟ୍ର ଗୋଟିଏ ରାସନକାର୍ଡ଼ ଏବଂ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସମେତ ୬୧ଟି ସରକାରୀ ଯୋଜନାର ଏଥିରେ ସମୀକ୍ଷା କରାଯାଇଛି । ୨୦୧୫ ମସିହାରେ ପ୍ରଗତି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରଠାରୁ କରୋନା, ବ୍ୟାଙ୍କ୍ ସେବା, ବୀମା ଏବଂ ଜନଧନ ଯୋଜନା ସହ ଜଡ଼ିତ ୩୬ଟି ବିଭିନ୍ନ ଶ୍ରେଣୀର ଅଭିଯୋଗର ସମୀକ୍ଷା କରାଯାଇଥିବା ସେ କହିଛନ୍ତି । ମୋଟ୍ ୭ ହଜାର ୭୩୫ଟି ସମସ୍ୟା

ମଧ୍ୟରୁ ୭ ହଜାର ୧୫୬ଟି ସମସ୍ୟାର ସମାଧାନ ହୋଇଥିବା ଶ୍ରୀ ସୋମନାଥନ କହିଛନ୍ତି ।

୨୦୨୪ ଡିସେମ୍ବରରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ଏକ ରିପୋର୍ଟ୍ ଅନୁଯାୟୀ ପ୍ରଗତି ବ୍ୟବସ୍ଥାକୁ ଡିଜିଟାଲ୍ ଶାସନ ଭିତ୍ତିଭୂମିର ବିକାଶ ଦିଗରେ ଏକ ମାଇଲ୍‌ଖୁଣ୍ଟ ବୋଲି କୁହାଯାଇଥିଲା । ଶ୍ରୀ ସୋମନାଥନ୍ କହିଛନ୍ତି, ପ୍ରଗତି ବ୍ୟବସ୍ଥା ସୁ-ପ୍ରଶାସନ ଯୋଗାଇଦେବା ସହ ତଦାରଖ ଓ ସମୀକ୍ଷା ମାଧ୍ୟମରେ ଦାୟିତ୍ୱବୋଧ ବୃଦ୍ଧି କରିବା କ୍ଷେତ୍ରରେ ଏକ ପ୍ରଭାବଶାଳୀ ମଞ୍ଚ ଭାବରେ କାର୍ଯ୍ୟ କରୁଛି ।

## ୟୁଏସ୍-ଇରାନ୍ ଓ୍ୱାର୍ଣ୍ଣିଂ

ଆମେରିକା ରାଷ୍ଟ୍ରପତି ଡ୍ରୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଯଦି ପ୍ରଦର୍ଶନକାରୀଙ୍କ ବିରୋଧରେ ଇରାନ୍ କଠୋର ବଳପ୍ରୟୋଗ କରେ ତେବେ ଆମେରିକା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଭେନେଜୁଆଲା ସହିତ ତେହେରାନ୍‌ର ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ନେଟ୍‌ଓ୍ୱାର୍କକୁ ଲକ୍ଷ୍ୟ ରଖି ଆମେରିକା ନୂତନ କଟକଣା ଘୋଷଣା କରିଛି ।

ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଯଦି ଇରାନ୍‌ର ସୁରକ୍ଷା ବାହିନୀ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ନାଗରିକମାନଙ୍କୁ ହତ୍ୟା କରିବା ଲାଗି ପଦକ୍ଷେପ ନେବେ ସେ କ୍ଷେତ୍ରରେ ଆମେରିକା ହସ୍ତକ୍ଷେପ

କରିବ । ଗତ ଏକ ସପ୍ତାହ ଧରି ଚାଲିଥିବା ଉତ୍ତେଜନା ସମୟରେ ପ୍ରଦର୍ଶନକାରୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷ ବୃଦ୍ଧି ପାଇବାରେ ଲାଗିଛି । ଗତ ଗୁରୁବାର ଦିନ ଏଭଳି ସଂଘର୍ଷରେ ପାଞ୍ଚ ଜଣରୁ ଅଧିକ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଇରାନ୍‌ର ମୁଦ୍ରା ରିଆଲ'ର ମୂଲ୍ୟରେ ହଠାତ୍ ହ୍ରାସ ପାଇବା ପରେ ଲୋକମାନେ ପ୍ରଦର୍ଶନ ଆରମ୍ଭ କରିଛନ୍ତି ।

## ରୁଷ-ୟୁକ୍ରେନ୍ କନ୍‌ଫ୍ଲିକ୍ଟ୍

ରୁଷର କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନ୍‌ର ଏକ ବହୁମହଲା ବିଶିଷ୍ଟ କୋଠା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିବା ବେଳେ ଏଥିରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଏହି ଆକ୍ରମଣରେ ୨୫ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ତେବେ ରୁଷ ପକ୍ଷରୁ ଏଭଳି ଆକ୍ରମଣକୁ ଖଣ୍ଡନ କରାଯାଇଛି । ରୁଷ କହିଛି, ସମ୍ପୃକ୍ତ ଅଞ୍ଚଳରେ ୟୁକ୍ରେନ୍ ସରକାର ଗୋଳାବାରୁଦ ରଖିଥିଲେ ଓ ସେଠାରେ ବିସ୍ଫୋରଣ ଘଟିବାରୁ ଏଭଳି ପରିସ୍ଥିତି ଉପୁଜିଛି ।

# ଶ୍ରୀଲଙ୍କା-ଇଣ୍ଡିଆନ୍ ଫିସର୍‌ମ୍ୟାନ୍

ଶ୍ରୀଲଙ୍କାର ଜଳରାଶିରେ ମାଛ ଧରିବା ଅଭିଯୋଗରେ ସେଠାକାର ନୌସେନା ୧୧ ଜଣ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ୍ କରିବା ସହ ସେମାନଙ୍କ ଟ୍ରଲରକୁ ଜବତ କରିଛି । ଶ୍ରୀଲଙ୍କା ନୌସେନାର ମୁଖପାତ୍ର ବୁଦ୍ଧିକା ସମ୍ପଥ କହିଛନ୍ତି, ଶ୍ରୀଲଙ୍କାର କାନ୍‌କେସନ୍ତୁରାଇର ଉତ୍ତରାଞ୍ଚଳରୁ ଗୁରୁବାର  ରାତିରେ ସମ୍ପୃକ୍ତ ମତ୍ସ୍ୟଜୀବୀମାନଙ୍କୁ ଗିରଫ୍ କରାଯାଇଛି । ଗିରଫ୍ ପରେ ସେମାନଙ୍କୁ ମାଇଲାଡ଼ି ମତ୍ସ୍ୟ ନିରିକ୍ଷକଙ୍କ ନିକଟରେ ହାଜର କରାଯାଇଥିଲା ।

ସୂଚନା ଯୋଗ୍ୟ ମାଛ ମାରୁଥିବା ବେଳେ ଆନ୍ତର୍ଜାତିକ ନିୟମ ଅନୁଯାୟୀ ଅନେକ ସମୟରେ ଶ୍ରୀଲଙ୍କା ଓ ଭାରତର ମତ୍ସ୍ୟଜୀବୀମାନେ ଉଭୟ ଦେଶର ଜଳସୀମା ଅତିକ୍ରମ କରି ଯାଇ ଥାନ୍ତି । ପରେ ବିଚାର କରାଯାଇ ସେମାନଙ୍କୁ ନିଜ ଦେଶକୁ ଫେରାଇ ଦିଆଯାଇଥାଏ ।

# ନେପାଳ ଆର୍ମି ମାର୍ଚ୍ଚ

ନେପାଳରେ ଆସନ୍ତା ମାର୍ଚ୍ଚ ୫ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଶାନ୍ତି ଓ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ୮୦ ହଜାରରୁ ଅଧିକ ନେପାଳୀ ସେନା ମୁତୟନ କରାଯିବ । ନେପାଳୀ

ସେନାର ମୁଖପାତ୍ର ବ୍ରିଗେଡିୟର୍ ଜେନେରାଲ୍ ରାଜାରାମ୍ ବାସ୍ନେତ୍ କହିଛନ୍ତି, ସାଧାରଣ ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ସମସ୍ତ ସ୍ଥଳ ସେନାର ୯୦ ପ୍ରତିଶତରୁ ଅଧିକ ମୁତୟନ କରାଯିବେ । ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ୍ ସଂସଦୀୟ ନିର୍ବାଚନ ପାଇଁ ସେନା ମୁତୟନ କରିବା ସମ୍ପର୍କିତ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଗତ ବର୍ଷ ନଭେମ୍ବର ମାସରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଅନୁଯାୟୀ ନେପାଳ ସେନା ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀ ନିର୍ବାଚନ ସମୟରେ ପ୍ରମୁଖ ଭୂମିକା ଗ୍ରହଣ କରିବେ । ସେନା ମୁଖପାତ୍ର କହିଛନ୍ତି, ନିର୍ବାଚନ ତାରିଖର ଗୋଟିଏ ମାସ ପୂର୍ବରୁ ସେନା ମୁତୟନ କରାଯିବ । ନିର୍ବାଚନ ଲାଗି ଏକ ତ୍ରୀସ୍ତରୀୟ ସମନ୍ୱିତ ସୁରକ୍ଷା ଯୋଜନା ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି ।

## କ୍ରିକେଟ୍-ଅଣ୍ଡର ନାଇଣ୍ଟିନ୍

୧୯ ବର୍ଷରୁ କମ୍ ତିନି ମ୍ୟାଚ୍ ବିଶିଷ୍ଟ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଜି ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୩୦ ମିନିଟ୍ ସମୟରେ ବେନୋନିର ୱିଲୋମୁର ପାର୍କ୍‌ରେ ଏହି ମ୍ୟାଚ୍ ଖେଳାଯିବ । ଜାନୁଆରୀ ୧୫ ତାରିଖରୁ ଆରମ୍ଭ ହେଉଥିବା ଆଇ.ସି.ସି.

୧୯ ବର୍ଷରୁ କମ୍ ବିଶ୍ୱକପ୍ ପୂର୍ବରୁ ଉଭୟ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଆୟୁଷ ମାହାତ୍ରେ ଆହତ ହୋଇଥିବାରୁ ଏହି ସିରିଜ୍‌ରେ ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ।

## ୱିମ୍ୟାନ୍ସ ହକି ଇଣ୍ଡିଆ ଲିଗ୍

ମହିଳା ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ୨-୦ ଗୋଲ୍‌ରେ ଜେ.ଏସ୍.ଡବ୍ଲ୍ୟୁ. ସୁରମା ହକି କ୍ଲବ୍‌କୁ ପରାସ୍ତ କରିଛି । ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ୍ ସିଂହ ମୁଣ୍ଡା ଆଷ୍ଟ୍ରୋଟର୍ଫ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍‌ରେ ଋତୁଜା ଦାଦାସୋ ପିସାଲ ଏବଂ ସାକ୍ଷୀ ରାଣା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ।

ଆଜି ସେହି ଷ୍ଟାଡିୟମ୍‌ରେ ସୁରମା ହକି କ୍ଲବ୍ ଏବଂ ଏସ୍.ଜି. ପାଇପର୍ସ୍ ମଧ୍ୟରେ ମୁକାବିଲା ହେବ ।